# ବୈଷୟିକ ଶିକ୍ଷା ଓ ତାଲିମ ନିର୍ଦ୍ଦେଶାଳୟ, ଓଡିଶା, କଟକ

SAMS
Student Academic Management System

Skilled in ODISHA

## ରାଜ୍ୟର ସରକାରୀ ଓ ବେସରକାରୀ ଆଇ.ଟି.ଆଇ. ମାନଙ୍କରେ
## ୨୦୨୫ -୨୬ ଶିକ୍ଷାବର୍ଷର ନାମଲେଖା ବିଜ୍ଞାପନ

ଆଇ.ଟି.ଆଇ. ତାଲିମ ନିମିତ୍ତ ଇଚ୍ଛୁକ ଛାତ୍ରଛାତ୍ରୀମାନଙ୍କୁ ସୂଚାଇ ଦିଆଯାଉଅଛି ଯେ , ଚଳିତ ୨୦୨୫ -୨୬ ଶିକ୍ଷାବର୍ଷରେ ରାଜ୍ୟର ସମସ୍ତ ସରକାରୀ ଓ ବେସରକାରୀ ଆଇ.ଟି.ଆଇ. ମାନଙ୍କରେ SAMS ଜରିଆରେ କେନ୍ଦ୍ରୀୟ ଅନ୍ ଲାଇନ ପଦ୍ଧତିରେ ମେଧା ଭିତ୍ତିକ ପଦ୍ଧତିରେ ନାମ ଲେଖାଯିବ । ଏଥିପାଇଁ ଅନ୍ ଲାଇନ ମାଧ୍ୟମରେ ଆବେଦନପତ୍ର **ତା ୧୦.୦୪.୨୦୨୫** ରିଖ ଠାରୁ ଗ୍ରହଣ କରାଯିବ ।

**<u>ନାମଲେଖା ପ୍ରଣାଳୀ:</u>**

କ) ଆବେଦନକାରୀ ତା ୦୧.୦୮.୨୦୨୫ ରିଖ ସୁଦ୍ଧା ୧୪ ବର୍ଷ ବୟସ ପ୍ରାପ୍ତ/ଅତିକ୍ରମ କରିଥିବେ, କିନ୍ତୁ କୌଣସି ସର୍ବାଧିକ ବୟସ ସୀମା ନାହିଁ।

ଖ) ବିଭିନ୍ନ ଇଞ୍ଜିନିୟରିଂ ଏବଂ ଅଣ ଇଞ୍ଜିନିୟରିଂ ପାଠ୍ୟକ୍ରମ (ଟ୍ରେଡ) ପାଇଁ ସର୍ବନିମ୍ନ ଶିକ୍ଷାଗତ ଯୋଗ୍ୟତା (୧୦ମ ଶ୍ରେଣୀ ପାସ / ୧୦ମ ଶ୍ରେଣୀ ଫେଲ ) ସମ୍ବନ୍ଧୀୟ ତଥ୍ୟ SAMS ପୋର୍ଟାଲ www.samsodisha.gov.in କିମ୍ବା www.dtetodisha.gov.in ରେ ଉପଲବ୍ଧ ଅଛି ।

ଗ) SAMS ପୋର୍ଟାଲ www.samsodisha.gov.in କିମ୍ବା www.dtetodisha.gov.in ରେ Login କରି ପ୍ରଥମ ପର୍ଯ୍ୟାୟରେ **ତା ୧୦ .୦୪.୨୦୨୫ ଠାରୁ** online ରେ ପଞ୍ଜୀକରଣ ପାଇଁ ଆବେଦନ କରିପାରିବେ ।

ଘ) ଚଳିତ ୧୦ମ ଶ୍ରେଣୀ ପରୀକ୍ଷାର ଫଳାଫଳ ଘୋଷିତ ହେବାପରେ ଆବେଦନକାରୀମାନେ ସେମାନଙ୍କର ପ୍ରାପ୍ତ ମାର୍କ ଓ ଆବଶ୍ୟକୀୟ ପ୍ରମାଣ ପତ୍ରର ବିବରଣୀ SAMS ପୋର୍ଟାଲରେ ଅପଲୋଡ କରିପାରିବେ।

ଙ) ସୂଚନାଯୋଗ୍ୟ ଯେ, ଚଳିତ ଶିକ୍ଷାବର୍ଷରେ ସମସ୍ତ ସରକାରୀ ଓ ବେସରକାରୀ ଆଇ.ଟି.ଆଇ ଯେଉଁ ମାନେ NCVT, New Delhi ଙ୍କ ଦ୍ୱାରା ସହବନ୍ଧିକୃତ ହୋଇ ଅଛନ୍ତି ଓ ସରକାରୀ ନିୟମାବଳୀ ଅନୁସାରେ ଯୋଗ୍ୟ ଅଟନ୍ତି ସେହି ସମସ୍ତ ଆଇ.ଟି.ଆଇ ମାନଙ୍କରେ ନାମଲେଖା ପାଇଁ ଯୋଗ୍ୟ ପ୍ରାର୍ଥୀ ମାନେ ଆବେଦନ କରିପାରିବେ।

ଚ) ଅଧିକ ବିବରଣୀ ନିମିତ୍ତ, **ପ୍ରାର୍ଥୀ ସହାୟତା ଟୋଲ ଫ୍ରି ନମ୍ବର - ସଂଯୋଗ Helpline-୧୫୫୩୩୫ କିମ୍ବା ୧୮00 - ୩୪୫-୬୭୭୦ କୁ ଯୋଗାଯୋଗ** କରି କୁଶଳୀ କାରିଗର ହେବାପାଇଁ ଏହି ସୁଯୋଗ ନିଅନ୍ତୁ ।

ଅନୁମୋଦିତ
ନିର୍ଦ୍ଦେଶକ,
ବୈଷୟିକ ଶିକ୍ଷା ଓ ତାଲିମ ନିର୍ଦ୍ଦେଶାଳୟ, ଓଡିଶା

## ବୈଷୟିକ ଶିକ୍ଷା ଓ ତାଲିମ ନିର୍ଦ୍ଦେଶାଳୟ, ଓଡିଶା, କଟକ

**SAMS**

Student Academic Management System

Skilled in ODISHA

### ରାଜ୍ୟର ନୂତନ ମଞ୍ଜୁରୀପ୍ରାପ୍ତ ସରକାରୀ ଆଇ.ଟି.ଆଇ. ମାନଙ୍କରେ
### ୨୦୨-୨୪ ଶିକ୍ଷାବର୍ଷର ନାମଲେଖା ବିଜ୍ଞାପନ ।

ଆଇ.ଟି.ଆଇ. ତାଲିମ ନିମିତ୍ତ ଇଚ୍ଛୁକ ଛାତ୍ରଛାତ୍ରୀମାନଙ୍କୁ ସୂଚାଇ ଦିଆଯାଉଅଛି ଯେ , ୨୦୨୩-୨୪ ଶିକ୍ଷାବର୍ଷରେ ରାଜ୍ୟରେ **୧୨ ଗୋଟି ନୂତନ ସରକାରୀ ଆଇ.ଟି.ଆଇ. ଯଥା** ଜୁନାଗଡ ଓ ଧର୍ମଗଡ (କଳାହାଣ୍ଡି), କରଞ୍ଜିଆ ଓ କପ୍ତିପଦା (ମୟୂରଭଞ୍ଜ), ବାଲୁଗାଁ (ଖୋର୍ଦ୍ଧା), ଭଂଜନଗର (ଗଂଜାମ), ରୁଆ (ପୁରୀ), ଓଳାଭର (କେନ୍ଦ୍ରାପଡ଼ା), ଆଠମଲିକ (ଅନୁଗୁଳ), ପାଟଣାଗଡ (ବଲାଙ୍ଗିର), ବଂଶପାଳ (କେନ୍ଦୁଝର), ବିଜେପୁର (ବରଗଡ) ଏନସିଭିଇଟି, ନୂଆଦିଲ୍ଲୀ ଦ୍ୱାରା ସହବନ୍ଧିତ ହୋଇଅଛି । ଉକ୍ତ ଆଇ.ଟି.ଆଇ. ଗୁଡିକରେ ଛାତ୍ରୀମାନେ "ସୁଦକ୍ଷା" ଯୋଜନାରେ ନିଃଶୁଳ୍କ ଶିକ୍ଷାପ୍ରାପ୍ତ ହୋଇପାରିବା ସହିତ ଅନ୍ୟ ଛାତ୍ରଛାତ୍ରୀ ମଙ୍ଗଳ ଯୋଜନାର ସୁବିଧା ପାଇପାରିବେ । ଉକ୍ତ ଅନୁଷ୍ଠାନମାନଙ୍କରେ SAMS ଜରିଆରେ କେନ୍ଦ୍ରୀୟ ଅନଲାଇନ ମାଧ୍ୟମରେ ମେଧା ଭିତ୍ତିକ **ପଦ୍ଧତିରେ** ନାମ ଲେଖାଯିବ । ଏଥିପାଇଁ ଅନଲାଇନ ମାଧ୍ୟମରେ ପଞ୍ଜୀକରଣ ଓ ନାମଲେଖା ପ୍ରକ୍ରିୟା **ତା ୨୮.୦୭.୨୦୨୩** ରିଖଠାରୁ ଆରମ୍ଭ ହେବ ।

**<u>ନାମଲେଖା ପ୍ରଣାଳୀ:</u>**

କ) ଆବେଦନକାରୀ ତା- ୦୧.୦୮.୨୦୨୩ ରିଖ ସୁଦ୍ଧା ୧୪ ବର୍ଷ ବୟସର ହୋଇଥିବେ, କିନ୍ତୁ ସର୍ବାଧିକ ବୟସ ସୀମା କିଛି ନାହିଁ ।

ଖ) ବିଭିନ୍ନ ଇଞ୍ଜିନିୟରିଂ ଏବଂ ଅଣ ଇଞ୍ଜିନିୟରିଂ ଟ୍ରେଡ ପାଇଁ ସର୍ବନିମ୍ନ ଶିକ୍ଷାଗତ ଯୋଗ୍ୟତା ସମ୍ବଧୀୟ ତଥ୍ୟ SAMS Portal www.samsodisha.gov.in ରେ ଉପଲବ୍ଧ ଅଟେ।

ଗ) ସବିଶେଷ ବିବରଣୀ (SOP) ନିମିତ୍ତ, SAMS Portal :- www.samsodisha.gov.in ବା ନିକଟସ୍ଥ ସରକାରୀ ଆଇ.ଟି.ଆଇ.ରେ ଯୋଗାଯୋଗ କରି ଉନ୍ନତମାନର ତାଲିମ ସହିତ କୁଶଳୀ କାରିଗର ହେବାପାଇଁ ଏହି ସୁଯୋଗ ନିଅନ୍ତୁ ।

**ସ୍ୱା/-**

**ନିର୍ଦ୍ଦେଶକ,**

**ବୈଷୟିକ ଶିକ୍ଷା ଓ ତାଲିମ ନିର୍ଦ୍ଦେଶାଳୟ, ଓଡିଶା**